# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 2 January - 2025

### News Editor : Tapan Kumar Maharana

**********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଚଳିତ ବର୍ଷର ଗଣତନ୍ତ୍ର ଦିବସ ପରେଡ୍ ଏବଂ ବିଟିଂ ଦି ରିଟ୍ରିଟ୍ ସମାରୋହ ଲାଗି ଆରମ୍ଭ ହେଲା ଟିକଟ୍ ବିକ୍ରି
- ନ୍ୟାସନାଲ ଡିଜିଟାଲ ହେଲ୍ଥ ମିଶନ ରାଜ୍ୟରେ ଖୁବ୍‌ଶୀଘ୍ର ହେବ କାର୍ଯ୍ୟକାରୀ; ସୂଚନା ଦେଲେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ
- ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ସମାରୋହ ପାଳନ ପାଇଁ ଚାଲିଛି ବ୍ୟାପକ ପ୍ରସ୍ତୁତି

ଏବଂ

- ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଆଜି ସୁରମା ହକି କ୍ଲବ ଏବଂ ୟୁପି ରୁଦ୍ରାସ ମଧ୍ୟରେ ହେବ ମୁକାବିଲା

*Desk*

# ରିପବ୍ଲିକ୍ ଡେ ଟିକେଟ୍

ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଚଳିତ ବର୍ଷର ଜାତୀୟସ୍ତରୀୟ ଗଣତନ୍ତ୍ର ଦିବସ ପ୍ୟାରେଡ୍ ଏବଂ ବିଟିଂ ଦି ରିଟ୍ରିଟ୍ ସମାରୋହ ଲାଗି ଆଜିଠାରୁ ଟିକେଟ୍ ବିକ୍ରୟ ଆରମ୍ଭ ହେଉଛି । ଏ ସମ୍ପର୍କରେ ସୂଚନା ଦେଇ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଜନସାଧାରଣ ଏଥିଲାଗି ଉଦ୍ଦିଷ୍ଟ ୱେବ୍‌ସାଇଟ୍ ଆମନ୍ତ୍ରଣ ଡଟ୍ ଏମ୍.ଓ.ଡି. ଡଟ୍ ଜି.ଓ.ଭି. ଡଟ୍ ଆଇଏନ୍ ଏବଂ ଆମନ୍ତ୍ରଣ ମୋବାଇଲ୍ ଆପ୍ ମାଧ୍ୟମରେ ସିଧାସଳଖ ଟିକେଟ୍ କ୍ରୟ କରିପାରିବେ।

ତେବେ ଅଫ୍‌ଲାଇନ୍ ମାଧ୍ୟମରେ ଟିକେଟ କ୍ରୟ ପାଇଁ ନୂଆଦିଲ୍ଲୀସ୍ଥିତ ସେନା ଭବନ, ଶାସ୍ତ୍ରୀଭବନ, ଯନ୍ତ୍ରମନ୍ତର, ପ୍ରଗତି ମଇଦାନ ଏବଂ ରାଜୀବ ଚୌକ୍ ମେଟ୍ରୋ ଷ୍ଟେସନ୍‌ଠାରେ କାଉଣ୍ଟର୍‌ମାନ ଖୋଲାଯାଇଛି । ଜନସାଧାରଣ ନିଜର ପରିଚୟ ପତ୍ର ଦେଖାଇ ସେଠାରୁ ଟିକେଟ୍ କିଣିପାରିବେ । ଗଣତନ୍ତ୍ର ଦିବସ ପ୍ୟାରେଡ୍ ସମାରୋହ ଲାଗି ଟିକେଟ୍‌ର ମୂଲ୍ୟ ୨୦ରୁ ୧୦୦ ଟଙ୍କା ମଧ୍ୟରେ ଧାର୍ଯ୍ୟ କରାଯାଇଥିବାବେଳେ ବିଟିଂ ଦି ରିଟ୍ରିଟ୍ ଲାଗି ଟିକେଟ୍‌ର ଦାମ୍ ୨୦ ଟଙ୍କା ରହିଛି ।

## ପିଏମ୍-ଓଏନ୍‌ଡିସି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଡିଜିଟାଲ ବ୍ୟବସାୟ ପାଇଁ ମୁକ୍ତ ନେଟଓ୍ୱର୍କ ବ୍ୟବସ୍ଥା - ଓଏନ୍‌ଡିସି କ୍ଷୁଦ୍ର ବ୍ୟବସାୟୀଙ୍କୁ ସଶକ୍ତ କରିବା ସହ ଇ-ବାଣିଜ୍ୟିକ ବ୍ୟବସ୍ଥାରେ ବିକାଶ କରିବାରେ ସହାୟକ ହେଉଛି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ବିକାଶ ଏବଂ ସମୃଦ୍ଧିକୁ ସୁଦୃଢ଼ କରିବାରେ ଏହା ପ୍ରମୁଖ ଭୂମିକା ନିର୍ବାହ କରୁଛି । ବାଣିଜ୍ୟମନ୍ତ୍ରୀ ପୀୟୁଷ ଗୋଏଲ କହିଛନ୍ତି ୨୦୨୧ ମସିହାରେ ମୋଦୀ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ମୁକ୍ତ ନେଟଓ୍ୱର୍କ ଇ-କମର୍ସ ବ୍ୟବସ୍ଥା ଦେଶରେ ଇ-ବାଣିଜ୍ୟ ବ୍ୟବସ୍ଥାକୁ ସହଜ ଉପଲବ୍ଧ କରାଇଛି । ସେ କହିଛନ୍ତି ଗତ ୩ ବର୍ଷରେ ଏହି ବ୍ୟବସ୍ଥା କ୍ଷୁଦ୍ର ବ୍ୟବସାୟୀଙ୍କୁ ଏକ ନିର୍ଦ୍ଦିଷ୍ଟ ସ୍ତରରେ ପହଞ୍ଚିବା ଲାଗି ସକ୍ଷମ କରିବା ସହ କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ଥିବା ଅନ୍ତରକୁ ଦୂର କରିବାରେ ସହାୟକ ହୋଇଛି ।

***HS***

## ଆଭା କାର୍ଡ କାର୍ଯ୍ୟକାରୀ

ନ୍ୟାସନାଲ ଡିଜିଟାଲ ହେଲ୍‌ଥ ମିଶନ ରାଜ୍ୟରେ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ଅଧୀନରେ ଏକ କାର୍ଡ ପ୍ରସ୍ତୁତ କରାଯାଇ ହିତାଧିକାରୀଙ୍କ ସମସ୍ତ ତଥ୍ୟ ଏଥିରେ ସ୍ଥାନିତ ହେବ। ଆୟୁଷ୍ମାନ ଭାରତ ହେଲ୍‌ଥ ଆକାଉଣ୍ଟ- ଆଭା

ନାମରେ ନାମିତ ଏହି କାର୍ଡର କ୍ୟୁଆର୍ କୋଡ଼କୁ ସ୍କାନ କଲେ ରୋଗ ସମ୍ବନ୍ଧୀୟ ସମସ୍ତ ଡାଟା ସହଜରେ ଉପଲବ୍ଧ ହୋଇପାରିବ। ଏଥିପାଇଁ ଅନଲାଇନ୍‌ରେ ଆବେଦନ କରିବାକୁ ପଡ଼ିବ। ଏ ସମ୍ପର୍କରେ ଅଧିକ ସୂଚନା ଦେଇ ମନ୍ତ୍ରୀ ଡକ୍ଟର ମହାଲିଙ୍ଗ କହିଛନ୍ତି...

**- V/O –**

***HS***

## ରାଜ୍ୟପାଳ ଶପଥପାଠ

ଓଡ଼ିଶାର ନବନିଯୁକ୍ତ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି ଆଜି ଅପରାହ୍ଣରେ ଭୁବନେଶ୍ୱରରେ ପହଞ୍ଚିବେ।  ଏହାପରେ ପୁରୀ ଗସ୍ତରେ ଯାଇ ରାଜଭବନରେ ସେ ରାତ୍ରିଯାପନ କରିବେ। ଆସନ୍ତାକାଲି ସକାଳେ ଶ୍ରୀଜୀଉଙ୍କୁ ଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି। ପୂର୍ବାହ୍ଣ ୧୦ଟା ୧୫ ମିନିଟରେ ରାଜଭବନର ନ୍ୟୁ ଅଭିଷେକ ହଲ୍‌ରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର ଶପଥ ଗ୍ରହଣ ସମାରୋହରେ ଡକ୍ଟର କମ୍ଭମପତି ରାଜ୍ୟପାଳଭାବେ ପଦ ଓ ଗୋପନୀୟତାର ଶପଥ ଗ୍ରହଣ କରିବେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ରାଜ୍ୟପାଳଙ୍କୁ ଶପଥ ପାଠ କରାଇବେ।

***Desk***

## ହରେକୃଷ୍ଣ ମହତାବ ପୁଣ୍ୟତିଥି

ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ତଥା ଆଧୁନିକ ଓଡ଼ିଶାର ନିର୍ମାତା ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଆଜି ହେଉ ପୁଣ୍ୟତିଥି। ଭଦ୍ରକ ଜିଲ୍ଲାର ଆଗରପଡ଼ାଠାରେ ୧୮୯୯ ମସିହା ନଭେମ୍ବର ୨୧ ତାରିଖରେ ଜନ୍ମଗ୍ରହଣ କରିଥିବା ଶ୍ରୀ ମହତାବ ୧୯୮୭ ମସିହା ଆଜିର ଦିନରେ ପରଲୋକ ଗମନ କରିଥିଲେ। ୧୯୨୧ ମସିହାରେ ସେ ପାଠପଢ଼ା ଛାଡ଼ି ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇ ସେ କାରାବରଣ କରିଥିଲେ। ୧୯୪୬ରୁ ୧୯୫୦ ଏବଂ ୧୯୫୬ରୁ ୧୯୬୧ ପର୍ଯ୍ୟନ୍ତ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କର ଶାସନ ସମୟରେ ଓଡ଼ିଶାର ରାଜଧାନୀ କଟକରୁ ଭୁବନେଶ୍ୱରରୁ ସ୍ଥାନାନ୍ତରିତ ହୋଇଥିଲା। ଡକ୍ଟର ମହତାବଙ୍କ ପୁଣ୍ୟତିଥି ପାଳନ ଅବସରରେ ରାଜ୍ୟବାସୀ ତାଙ୍କ ଅମ୍ଳାନ ସ୍ମୃତିପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସ୍ୱାଧୀନତା ସଂଗ୍ରାମ ଠାରୁ ଆରମ୍ଭ କରି ଓଡ଼ିଶାରେ ରାଜନୈତିକ ଓ ସାମାଜିକ ଉତ୍‌ଥାନ କ୍ଷେତ୍ରରେ ମହତାବଙ୍କ ଅବଦାନ ଅତୁଳନୀୟ ଥିଲା ବୋଲି କହିଛନ୍ତି।

ଡକ୍ଟର ହରେକୃଷ୍ଣ ମହତାବଙ୍କୁ ସ୍ମରଣ କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଡକ୍ଟର ମହତାବ ଓଡ଼ିଆ ଜାତିକୁ ନୂଆ

ଦିଗଦର୍ଶନ ଦେଇଥିଲେ । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ତାଙ୍କର ବଳିଷ୍ଠ ନେତୃତ୍ୱ ଏବଂ ଆଦର୍ଶ ସମସ୍ତ ଯୁବପିଢିଙ୍କୁ ପ୍ରେରଣ ଯୋଗାଇବ।

*HS*

## ପ୍ରବାସୀ ଭାରତୀ ଦିବସ

ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ ସମାରୋହ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଜନତା ମଇଦାନଠାରେ ଆସନ୍ତା ୮ରୁ ୧୦ ତାରିଖ ଯାଏଁ ଏହି ସମ୍ମିଳନୀ ଆୟୋଜିତ ହେବ। ବିଦେଶରୁ ଏଥିରେ ଯୋଗଦେବା ପାଇଁ ୭ ହଜାର ଅତିଥିଙ୍କ ଆଗମନର ଆକଳନ କରାଯାଇଛି। ବିଦେଶାଗତ ଅତିଥିଙ୍କୁ ରାଜ୍ୟର ସଂସ୍କୃତି ଏବଂ ଐତିହ୍ୟ ସମ୍ପର୍କରେ ଅବଗତ କରାଇବା ଲକ୍ଷ୍ୟରେ ସ୍ୱର୍ଣ୍ଣ ତ୍ରିଭୂଜର ୩୧ଟି ସ୍ଥାନକୁ ଗସ୍ତରେ ଯିବାର କାର୍ଯ୍ୟସୂଚୀ ରହିଛି। ସେହି ସବୁ ସ୍ଥାନଗୁଡ଼ିକୁ ଆକର୍ଷଣୀୟ ଢଙ୍ଗରେ ସଜାଯାଉଛି। ପ୍ରବାସୀ ଭାରତୀୟଙ୍କ ପାଇଁ ଭୁବନେଶ୍ୱରରେ ଡବଲ ଡେକର ବସ୍ ଚଳାଚଳର ବ୍ୟବସ୍ଥା କରାଯାଉଛି। ଆସନ୍ତା ୬ ତାରିଖରେ ଏହି ବସ୍ ଲୋକାର୍ପଣ କରାଯିବ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ୫ଟି ଡବଲ ଡେକର ବସ୍ ଚଳଚଳ କରିବ। ସମ୍ମିଳନୀର ପ୍ରସ୍ତୁତି ନେଇ ମନ୍ତ୍ରୀ ଶ୍ରୀ ମହାପାତ୍ର ଆଜି କ୍ଷେତ୍ରୀୟ ସମୀକ୍ଷା କରିଛନ୍ତି। ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହିତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏୟାରପୋର୍ଟରୁ ପ୍ରଦର୍ଶନୀ ପଡ଼ିଆ ସମେତ ନନ୍ଦନକାନନ ଏବଂ

ରାଜଧାନୀର ବିଭିନ୍ନ ଅଞ୍ଚଳ ମନ୍ତ୍ରୀ ପରିଦର୍ଶନ କରିଛନ୍ତି। ପ୍ରବାସୀ ଭାରତୀୟଙ୍କ ପାଇଁ ଗୃହ ବିଭାଗ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି।

***Ganjam***

## ଡେଙ୍ଗୁ ରୋଗୀ ସଂଖ୍ୟା ହ୍ରାସ

ଗଞ୍ଜାମ ଜିଲ୍ଲାରେ ଡେଙ୍ଗୁ ଜ୍ୱର ନିୟନ୍ତ୍ରଣାଧୀନ ଥିବା ଜଣାପଡ଼ିଛି। ଗତ ବର୍ଷ ଜିଲ୍ଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୧୦୪ରେ ସୀମିତ ରହିଥିଲା ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଅଧିକ ତଥ୍ୟ ଦେଇ ଆମ ଗଞ୍ଜାମ ସମ୍ବାଦଦାତା ବିଭୂତି ଭୂଷଣ ତ୍ରିପାଠୀ କହିଛନ୍ତି...

**- V/O –**

***Desk***

## ବିଦେଶୀ ପକ୍ଷୀ ସୁରକ୍ଷା

ଚିଲିକାରେ ବିଦେଶାଗତ ପକ୍ଷୀ ଏବଂ ଇରାୱାଡ଼ି ଡଲଫିନ୍‌ଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବନବିଭାଗ ପକ୍ଷରୁ କେତେକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଡଙ୍ଗା ଚାଳକଙ୍କୁ ଏ ଦିଗରେ ସଚେତନ କରାଯାଉଛି। ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ ରହୁଥିବା ଜନସାଧାରଣ, ମତ୍ସ୍ୟଜୀବୀ, ମହିଳା ସଂଘ ଏବଂ ସ୍ୱେଚ୍ଛାସେବୀ ସଂଗଠନକୁ ନେଇ ସଚେତନତା ଶିବିରମାନ ଆୟୋଜନ କରାଯାଉଛି।

ବନବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରତ୍ୟେକ ଦିନ ଡଲଫିନ୍ ରହୁଥିବା ଚିଲିକା ସୀମାରେ ସ୍ୱତନ୍ତ୍ର ଦଳ ମାଧ୍ୟମରେ ସୁରକ୍ଷା ପ୍ରଦାନ କରାଯାଉଛି । ମହିଁଷାନାଳ, ଚଡବର ଅଞ୍ଚଳ, ଡୋଜରକୁଦା, ପାହାଣକୁଦା ଏବଂ ମଗରମୁଖ ଆଦି ଅଞ୍ଚଳରେ ବନବିଭାଗ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି । ବିଦେଶାଗତ ପକ୍ଷୀ ଏବଂ ଡଲ୍‌ଫିନ୍‌ଙ୍କ ସୁରକ୍ଷା ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି । ଏହାର ଉଲ୍ଲଂଘନ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ବନବିଭାଗ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି ।

***Boudh***

## ବୌଦ୍ଧ ମହୋତ୍ସବ

ବୌଦ୍ଧ ମହୋତ୍ସବ ଆଜିଠାରୁ ୬ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ କଚେରୀ ପଡ଼ିଆଠାରେ ଅନୁଷ୍ଠିତ ହେବ । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଆଜି ଶୁଭଖୁଣ୍ଟି ସ୍ଥାପନ କରିଛନ୍ତି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସାଂସ୍କୃତିକ ପତାକା ଉତ୍ତୋଳନ କରିଥିଲେ । ମହୋତ୍ସବ ପାଳନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପଲ୍ଲିଶ୍ରୀ ମେଳାର ଆୟୋଜନ କରାଯାଇଛି ।

***HS***

## ଆଦିବାସୀ ମେଳା

ଚଳିତ ବର୍ଷର ଆଦିବାସୀ ମେଳା ଆସନ୍ତା ୫ ତାରିଖରୁ ଅନୁଷ୍ଠିତ ହେବ ବୋଲି ରାଜ୍ୟ ସରକାର ସୂଚନା ଦେଇଛନ୍ତି ।  ପ୍ରବାସୀ ଭାରତୀୟ

ଦିବସ ପାଳନକୁ ଦୃଷ୍ଟିରେ ରଖି ଚଳିତ ବର୍ଷର ଆଦିବାସୀ ମେଳାକୁ ସ୍ୱତନ୍ତ୍ର ଭାବରେ ଆୟୋଜନ ନେଇ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଆଦିବାସୀ ଗ୍ରାମ, ହାଟ, ଜନଜାତି ଖାଦ୍ୟପେୟ, ସ୍ୱତନ୍ତ୍ର ବିର୍ସାମୁଣ୍ଡା ପାଭିଲିୟନ ଆଦି ମେଳାରେ ସ୍ଥାପନ ନେଇ ପଦକ୍ଷେପ ନିଆଯାଉଛି ।

***Desk***

# ହକି ଇଣ୍ଡିଆ ଲିଗ୍

ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ  ଆଜି ହକି ଇଣ୍ଡିଆ ଲିଗ୍ ପୁରୁଷ ବର୍ଗ ପ୍ରତିଯୋଗିତାରେ ସୁର୍‌ମା ହକି କ୍ଲବ ଏବଂ ୟୁପି ରୁଦ୍ରାସ ମଧ୍ୟରେ ସନ୍ଧ୍ୟା  ୮ଟା ୧୫ ମିନିଟ୍‌ରେ ମ୍ୟାଚ୍ ଖେଳାଯିବ । ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଗତକାଲି ସଂଧ୍ୟାରେ ଆୟୋଜିତ ମ୍ୟାଚ୍‌ରେ ବେଙ୍ଗଲ ଟାଇଗର୍ସ ୨-୧ ଗୋଲ୍‌ରେ ଟିମ୍ ଗୋନାସିକାକୁ ପରାସ୍ତ କରିଛି ।